# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 430 CUTTACK, WEDNESDAY, MARCH 2, 2016/FALGUNA 12, 1937**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 20 ଫେବ୍ରୁଆରୀ 2016

ସଂଖ୍ୟା 5813—RDM-LAA-MBJ-0010/2015-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାର ସ୍କୁଲ ଘର ଓ ଏ.ଏନ୍.ଏମ୍. ସେଣ୍ଟର ଘର ନିକଟକୁ ସଂଯୋଗକରଣ ପାଇଁ ପ୍ରସ୍ତାବିତ ରାସ୍ତା ନିମନ୍ତେ ମୌଜା ବାଘୁଆଶୋଳ, ଥାନା କୋଳିଅଣା ନଂ. 206, ତହସିଲ କୋଳିଅଣା, ଜିଲ୍ଲା ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ 0.95 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ – ସ୍କୁଲ ଘର ଓ ଏ.ଏନ୍.ଏମ୍. ସେଣ୍ଟର ଘର ନିକଟକୁ ସଂଯୋଗକରଣ ପାଇଁ ପ୍ରସ୍ତାବିତ ରାସ୍ତା ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ନଂ. 2, ଦେଉଳି ଡିଭିଜନ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ରାସ୍ତା ନିମନ୍ତେ ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରସ୍ତାବିତ ରାସ୍ତା ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଆବଶ୍ୟକ ନୁହେଁ ।

୬ । ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | କୋଳିଅଣା | ବାଘୁଆଶୋଳ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | 6.12 ଏକର | 0.95 ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସତ୍ତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 60 ଦିନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ଭୂମି ଅନୁସୂଚୀ**

| ଖାତା ନମ୍ବର ଓ ସତ୍ତ୍ୱ | ପ୍ଲଟ ନମ୍ବର | ମୋଟ ରକବା | ଆକ୍ୟୁଆର ରକବା | କିସମ | ପ୍ରଜାଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| (1) | (2) | (3) | (4) | (5) | (6) |
| | | (inAcre) | (inAcre) | | |
| 71 ରୟତି | 459 | 1.52 | 0.15 | ଡାହି ଏକ | ପ୍ରତାପ ଚନ୍ଦ୍ର ମହାପାତ୍ର, ପି. ଗୁରୁପ୍ରସାଦ ମହାପାତ୍ର, ଜା. ବୈଶ୍ୟ, ବା ନିଜଗାଁ । |
| 87 ରୟତି | 460 | 3.76 | 0.57 | ଡାହି ଏକ | ବିରେନ୍ଦ୍ର ବିଜୟ ମହାପାତ୍ର, ଅରୁଣ କୁମାର ମହାପାତ୍ର, ଶଶାଙ୍କ ଶେଖର ମହାପାତ୍ର, ଆଦରଣୀ ଦେ, ନିନିବାଳା ମହାପାତ୍ର, ଶକ୍ତିରାଣୀ ଦେ, ଶେଫାଳି ବେଜ, ଯୁଥିକା ଦେ, ପି. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଚନ୍ଦ୍ରମଣୀ ମହାପାତ୍ର, ସ୍ୱା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଜା. ବୈଶ୍ୟ, ବା ନିଜଗାଁ । |
| 147/41 ରୟତି | 459/1177 | 0.24 | 0.07 | ଘରବାରୀ | ଭିମ ଚରଣ ମୁର୍ମୁ, ପି. ଗିରିଶ ମୁର୍ମୁ, ସୁମୀ ମୁର୍ମୁ, ସ୍ୱା ଗିରିଶ ମୁର୍ମୁ, ଜା. ସାନ୍ତାଳ, ବା ବଡପଳାସିଆ । |
| 147/44 ରୟତି | 459/1180 | 0.18 | 0.07 | ଡାହି ଏକ | ଚୈତନ୍ୟ ସୋରେନ, ପି. ବାଇଧର ସୋରେନ, ସଲମା ସୋରେନ, ସ୍ୱା. ଲକ୍ଷ୍ମଣ ସୋରେନ, ଜା. ସାନ୍ତାଳ, ବା ନିଜଗାଁ । |
| 147/45 ରୟତି | 459/1181 | 0.42 | 0.09 | ଡାହି ଏକ | ଗାଙ୍ଗୁ ହାଁସଦା, ସୁନାଲି ହାଁସଦା, ପି. ସାନ ମୁର୍ମୁ ହାଁସଦା, ଜା. ସାନ୍ତାଳ, ବା ବଡପଳାସିଆ । |
| | Total | . . | 0.95 | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1731—173+20